# NATIONAL NEWS BULLETIN (ODIA)

## 10 April - 2025

## Evening Bulletin : 7.15 P.M.

**********************************

## ମୁଖ୍ୟ ସମ୍ବାଦ

- ଭାରତ-ସ୍ଲୋଭାକ୍ ବ୍ୟବସାୟିକ ଫୋରମ୍‌କୁ ବ୍ରାଟିସ୍ଲାଭାଠାରେ ଉଦ୍‌ଘାଟନ କଲେ ରାଷ୍ଟ୍ରପତି ।
- ପ୍ରଧାନମନ୍ତ୍ରୀ ଆସନ୍ତାକାଲି ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶ ଗସ୍ତ କରି ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର କରିବେ ଶିଳାନ୍ୟାସ ଓ ଲୋକାର୍ପଣ ।
- ମୁମ୍ବାଇ ସନ୍ତ୍ରାସବାଦୀ ଆକ୍ରମଣର ଅଭିଯୁକ୍ତ ତହଉର୍ ରାଣାକୁ ଆମେରିକାରୁ ପ୍ରତ୍ୟର୍ପଣ କରାଯାଇ ସ୍ୱତନ୍ତ୍ର ବିମାନରେ ଆଜି ଅଣାଗଲା ଭାରତକୁ ।
- ଓଡ଼ିଶାରେ ଆସନ୍ତାକାଲିଠାରୁ କାର୍ଯ୍ୟକାରୀ ହେବ ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ।

ଏବଂ

- ଆଜି ଆଇପିଏଲ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷରେ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାର ନିଷ୍ପତ୍ତି ନେଲା ଦିଲ୍ଲୀ କ୍ୟାପିଟାଲ୍ସ ।

# ମୁର୍ମୁ-ସ୍ଲୋଭାକିଆ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ବ୍ରାଟିସ୍‌ଲାଭା ଠାରେ ସ୍ଲୋଭାକ୍-ଭାରତ ବ୍ୟାବସାୟିକ ଫୋରମ୍‌କୁ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀମତୀ ମୁର୍ମୁ ଭାରତ-ସ୍ଲୋଭାକିଆ ବନ୍ଧୁତ୍ୱକୁ ସଶକ୍ତ କରିବା ଦିଗରେ ନିଜର ପ୍ରତିଶ୍ରୁତିବଦ୍ଧତା ଲାଗି ତାଙ୍କର ସ୍ଲୋଭାକିଆ ପ୍ରତିପକ୍ଷ ପିଟର ପେଲିଗ୍ରିନିଙ୍କୁ ଧନ୍ୟବାଦ ଦେଇଛନ୍ତି । ସେ କହିଛନ୍ତି, ବ୍ୟବସାୟିକ ସୁଯୋଗକୁ ଆପୋଷ ଭାଗିଦାରୀରେ ପରିବର୍ତ୍ତନ କରିବା ଲାଗି ଏଭଳି ଫୋରମ୍ ଉଲ୍ଲେଖନୀୟ ସୁଯୋଗ ପ୍ରଦାନ କରିଥାଏ । ଆଗାମୀ ଦିନରେ ଭାରତର ଅର୍ଥ ବ୍ୟବସ୍ଥା ୫ ଟ୍ରିଲିୟନ୍ ଆମେରିକୀୟ ଡଲାର୍‌ରେ ପରିଣତ ହେବା ସହିତ ବିଶ୍ୱର ତୃତୀୟ ସର୍ବବୃହତ ଅର୍ଥ ବ୍ୟବସ୍ଥାର ମାନ୍ୟତା ପାଇବାକୁ ଯାଉଛି ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି ।

ସେ କହିଛନ୍ତି, ସ୍ଲୋଭାକିଆର ସଶକ୍ତ ଶିଳ୍ପ ଭିତ୍ତିଭୂମି ଏବଂ ରଣନୈତିକ ଅବସ୍ଥିତି ମାଧ୍ୟମରେ ସେଠାରେ ଭାରତ ଲାଗି ନୂତନ ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏ ଦିଗରେ ଭାରତର ପ୍ରତିଭା ସ୍ଲୋଭାକିଆର ଅର୍ଥ ବ୍ୟବସ୍ଥା ଲାଗି ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆଶାବ୍ୟକ୍ତ କରିଛନ୍ତି ।

ଏହି ଅବସରରେ ସ୍ଲୋଭାକିଆ ରାଷ୍ଟ୍ରପତି ନିଜ ଉଦ୍‌ବୋଧନରେ କହିଛନ୍ତି, ଦୁଇ ଦେଶ ପରସ୍ପରଠାରୁ ଅନେକ ଦୂରରେ ଥିଲେ ମଧ୍ୟ ଆମର ଦ୍ୱିପକ୍ଷିୟ ସମ୍ପର୍କ ଅଧିକ ସଶକ୍ତ ହେବାରେ ଲାଗିଛି । ସ୍ଲୋଭାକ୍‌ର ଇଞ୍ଜିନିୟରିଂ ଏବଂ ବିନିର୍ମାଣ ଶକ୍ତି ସହିତ ଭାରତର ସୂଚନା ପ୍ରଯୁକ୍ତି ବିଦ୍ୟା ଏବଂ କୃତ୍ରିମ ବୁଦ୍ଧିମତାର ମିଶ୍ରଣ ମାଧ୍ୟମରେ ଅନେକ ନୂତନ ସମ୍ଭାବନା ସୃଷ୍ଟି ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି । ଦୁଇ ଦେଶର ଏହି ବ୍ୟବସାୟିକ ଫୋରମ୍ ଏଭଳି ସୁଯୋଗକୁ ବାସ୍ତବ ରୂପ ଦେବାରେ ସହାୟକ ହେବ ବୋଲି ଶ୍ରୀ ପେଲିଗ୍ରିନି କହିଛନ୍ତି ।

# ପିଏମ୍-ୟୁପି ଆଣ୍ଡ ଏମ୍‌ପି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶ ଗସ୍ତ କରିବେ । ଏହି ଅବସରରେ ସେ ପ୍ରଥମେ ବାରାଣସୀ ଗସ୍ତ କରି ୩ହଜାର ୮୮୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବେ । ପ୍ରଧାନମନ୍ତ୍ରୀ ୭୦ ବର୍ଷରୁ ଊର୍ଦ୍ଧ୍ୱ ଯୋଗ୍ୟ ବରିଷ୍ଠ ନାଗରିକଙ୍କୁ **ଆୟୁଷ୍ମାନ୍ ଭେ ବନ୍ଦନା କାର୍ଡ୍** ବଣ୍ଟନ କରିବେ । ଭିତ୍ତିଭୂମି ବିକାଶ ଦିଗରେ ସରକାରଙ୍କ ପ୍ରତିବର୍ଦ୍ଧତା ସ୍ୱରୂପ  ବରାଣସୀରେ ସଡ଼କ ସଂଯୋଗୀକରଣକୁ ଅଧିକ ସୁସଂହତ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ସେଠାରେ କେତେକ ସଡ଼କ

ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ । ଏହାଛଡ଼ା ଶକ୍ତି କ୍ଷେତ୍ରରେ ମୌଳିକଢାଞ୍ଚାକୁ ଅଧିକ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ୧ ହଜାର ୪୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ସ୍ଥାପନ କରାଯାଇଥିବା ୨ଟି ୪୦୦ କିଲୋ ଭୋଲ୍ଟ ଏବଂ ଗୋଟିଏ ୨୨୦ ଭୋଲ୍ଟ ଟ୍ରାନ୍ସମିଶନ୍ ସବ୍‌ଷ୍ଟେସନ୍‌କୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବେ ।

ଏହାପରେ ମଧ୍ୟପ୍ରଦେଶ ଗସ୍ତ କରି ଶ୍ରୀ ମୋଦୀ ଆନନ୍ଦପୁରଧାମ ଠାରେ ଏକ ଜନସମାବେଶରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ସ୍ଥାନୀୟ ଇଶାଗଡ଼ ସ୍ଥିତ ଗୁରୁଜୀ ମହାରାଜ ମନ୍ଦିରରେ ଏହି ଅବସରରେ ପ୍ରଧାନମନ୍ତ୍ରୀ ପୂଜାର୍ଚ୍ଚନା କରିବେ ବୋଲି ଜଣାପଡ଼ିଛି ।

## ଗୁଜରାଟ ଏକ୍ସପୋ

ବାଣିଜ୍ୟ, ବୈଷୟିକ ଜ୍ଞାନକୌଶଳ ଏବଂ ଉଦ୍ୟୋଗ ଜଗତ ପ୍ରତି ଉଲ୍ଲେଖନୀୟ ଅବଦାନ ଯୋଗୁଁ ଗୁଜରାଟ ଏକ ସଶକ୍ତ ବିଶ୍ୱ ଅର୍ଥ ବ୍ୟବସ୍ଥାର ପଥ ପ୍ରଦର୍ଶକ ଭାବେ ଉଭା ହୋଇଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି । ଆଜି ଅହମ୍ମଦାବାଦ ଠାରେ ଗୁଜରାଟ ଚାମ୍ବର ଅଫ୍ କମର୍ସ୍ ପକ୍ଷରୁ ଆୟୋଜିତ ଟେକ୍ ଏକ୍ସପୋ ଗେଟ୍ ୨୦୨୫କୁ ଭର୍ଚୁଆଲ୍ ମାଧ୍ୟମରେ ଉଦ୍‌ବୋଧନ ଦେବା ଅବସରରେ ସେ ଏହା କହିଛନ୍ତି । ଶ୍ରୀ

ଶାହା ଶିଳ୍ପ  କ୍ଷେତ୍ରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାରୀ ନୀତି ପ୍ରଣୟନ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏହି ତିନି ଦିନିଆ ଏକ୍ସପୋରେ ୩୦୦ରୁ ଅଧିକ ବିଶିଷ୍ଟ ଶିଳ୍ପାନୁଷ୍ଠାନ ଗୁଡ଼ିକ ଅଂଶଗ୍ରହଣ କରିଛନ୍ତି ।

## ରାଣା-ଇଣ୍ଡିଆ

୨୦୦୮ ମସିହା ନଭେମ୍ବର ୨୬ ମୁମ୍ବାଇ ସନ୍ତ୍ରାସବାଦୀ ଆକ୍ରମଣର ଅଭିଯୁକ୍ତ ତହଉର୍ ରାଣାକୁ ଯୁକ୍ତରାଷ୍ଟ୍ର ଆମେରିକାରୁ ପ୍ରତ୍ୟର୍ପଣ କରାଯାଇ ଏକ ସ୍ୱତନ୍ତ୍ର ବିମାନରେ ଆଜି ଭାରତ ଅଣାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ୬୯ ବର୍ଷ ବୟସ୍କ ପାକିସ୍ତାନର ମୂଳ ନିବାସୀ ତଥା କାନାଡ଼ାର ଜାତୀୟତା ଗ୍ରହଣ କରିଥିବା ତହଉର୍‌କୁ ଭାରତୀୟ ତଦନ୍ତକାରୀ ଅଧିକାରୀମାନେ ଏହି ସ୍ୱତନ୍ତ୍ର ବିମାନରେ ନେଇ ସନ୍ଧ୍ୟାରେ ଦିଲ୍ଲୀର ପାଲାମ୍ ବିମାନ ବନ୍ଦରରେ ପହଞ୍ଚିଥିଲେ । ମୁମ୍ବାଇ ଆକ୍ରମଣ ଘଟଣାରେ ରାଣାକୁ ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍.ଆଇ.ଏ. ପକ୍ଷରୁ  ଜେରା କରାଯିବା ସହିତ ଅଦାଲତରେ ହାଜର କରାଯିବ ବୋଲି ଜଣାପଡ଼ିଛି ।

ଅନ୍ୟ ପକ୍ଷରେ ଏହି ସନ୍ତ୍ରାସବାଦ ଆକ୍ରମଣ ମାମଲାରେ ଅଦାଲତରେ ଏନ୍.ଆଇ.ଏ. ପକ୍ଷରୁ ବିଶିଷ୍ଟ ଆଇନଜୀବୀ ନରେନ୍ଦ୍ର ମାନ୍‌ଙ୍କୁ କେନ୍ଦ୍ର ସରକାର ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ଭାବେ ନିଯୁକ୍ତ କରିଛନ୍ତି ।

ଏ ସମ୍ପର୍କରେ ନିଜର ପ୍ରତିକ୍ରିୟାରେ କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି, ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଶାସନ କ୍ଷମତାକୁ ଆସିବା ପରେ ଗତ ୧୪ ବର୍ଷ ମଧ୍ୟରେ ଭାରତରେ ଅସ୍ଥିରତା ସୃଷ୍ଟି କରିବାକୁ ଚେଷ୍ଟା କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

**V/O-NITHYANANDA-RAI**

# ଆୟୁଷ୍ମାନ୍ ଯୋଜନା

ଓଡ଼ିଶାରେ ଆସନ୍ତାକାଲିଠାରୁ ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଲାଗୁ ହେବ । ଏହି ଅବସରରେ କଟକ ଠାରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଏହି ଯୋଜନାର ଶୁଭାରମ୍ଭ କରିବେ । ଏହି ଯୋଜନାରେ ଉପଭୋକ୍ତାଙ୍କୁ କାର୍ଡ଼ ଯୋଗାଇ ଦିଆଯିବା ସହିତ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳାଙ୍କ ପାଇଁ ପରିବାର ପିଛା ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ଯୋଗାଇ ଦିଆଯିବ । ଦେଶର ୨୯ ହଜାରରୁ ଊର୍ଦ୍ଧ୍ୱ ସରକାରୀ ଓ ପଞ୍ଜିକୃତ ଘରୋଇ ଚିକିତ୍ସାଳୟରେ ଏଥିଲାଗି ଚିକିତ୍ସା ସୁବିଧା ଉପଲବ୍ଧ ରହିଛି । ଏହି ଯୋଜନା ସମ୍ପର୍କରେ ସୂଚନା ଦେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି,

**V/OJ-NADDA-ON-AYUSHMAN-SCHEME**

ଏଥିସହିତ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ୍ ବୟୋ ବନ୍ଦନା ଯୋଜନା ମଧ୍ୟ ଆସନ୍ତାକାଲିଠାରୁ ଓଡ଼ିଶାରେ କାର୍ଯ୍ୟକାରୀ ହେବ । ଏହି ସମାରୋହରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ କନକବର୍ଦ୍ଧନ ସିଂହଦେଓ ମଧ୍ୟ ଉପସ୍ଥିତ ରହିବେ । ପରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ନଡ୍ଡା କଟକ ସ୍ଥିତ ଶିଶୁଭବନର ନୂତନ ସୌଧକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

# ଏମ୍‌ପି-ପ୍ରୋଜେକ୍ଟ

କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଆଜି ମଧ୍ୟପ୍ରଦେଶର ବଦନାୱାର୍-ଉଜ୍ଜୈନ୍ ଜାତୀୟ ରାଜପଥକୁ ଉଦ୍‌ଘାଟନ କରିଛନ୍ତି । ଭାରତମାଳା ପ୍ରକଳ୍ପ ଅଧୀନରେ ଧର୍ ଜିଲ୍ଲା ଅନ୍ତର୍ଗତ ଏହି ଜାତୀୟ ରାଜପଥ ନିର୍ମାଣରେ ଏକ ହଜାର ୩୫୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ଗଡ଼କରୀ କହିଛନ୍ତି, ମଧ୍ୟପ୍ରଦେଶରେ ୩୩ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ୫ଟି ଗ୍ରିନ୍ ଫିଲ୍ଡ ଅର୍ଥନୈତିକ କରିଡ଼ର ନିର୍ମାଣ କରାଯିବ । ଏତଦ୍‌ବ୍ୟତୀତ ଓମ୍‌କାରେଶ୍ୱର ଠାରେ ନର୍ମଦା ନଦୀରେ ଏକ ବିଶ୍ୱସ୍ତରୀୟ ଆଇକନିକ୍ ବ୍ରିଜ୍

ଏବଂ ୧୨୦୦ କୋଟି ଟଙ୍କା ବ୍ୟୟରେ ୬ଟି ରୋପ୍‌ୱେ ନିର୍ମାଣ କରାଯିବ । ମଧ୍ୟପ୍ରଦେଶରେ ଆସନ୍ତା ୧ ବର୍ଷ ମଧ୍ୟରେ ୩ଲକ୍ଷ କୋଟି ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ମୌଳିକ ଢାଞ୍ଚାଗତ ପ୍ରକଳ୍ପ ଗୁଡ଼ିକର ନିର୍ମାଣ କାର୍ଯ୍ୟ ସମ୍ପନ୍ନ କରାଯିବ ବୋଲି ଶ୍ରୀ ଗଡ଼କରୀ ସୂଚନା ଦେଇଛନ୍ତି ।

ଏଥିସହିତ ଶ୍ରୀ ଗଡ଼କରୀ ୧୦ଟି ସଡ଼କ ପ୍ରକଳ୍ପର ଭୂମି ପୂଜନ ମଧ୍ୟ କରିଛନ୍ତି । ମୋଟ୍ ୩୨୮ କିଲୋମିଟର ଦୈର୍ଘ୍ୟର ଏହି ସମସ୍ତ ପ୍ରକଳ୍ପ ଲାଗି ୫ ହଜାର ୮୦୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

# ଆଇପିଏଲ୍

ଆଇପିଏଲ୍‌ରେ ଆଉ କିଛି ସମୟ ପରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ବେଙ୍ଗାଲୁରୁ ସ୍ଥିତ ଏମ୍. ଚିନ୍ନା ସ୍ୱାମୀ ଷ୍ଟାଡିୟମ୍‌ରେ ମୁକାବିଲା ହେବ । ଦିଲ୍ଲୀ କ୍ୟାପିଟାଲ୍ସ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଛି ।

ଦିଲ୍ଲୀ କ୍ୟାପିଟାଲ୍ସ ବର୍ତ୍ତମାନ ସୁଦ୍ଧା ଏହି ପ୍ରତିଯୋଗିତା ଅପରାଜୟ ରହିବା ସହ ୬ ପଏଣ୍ଟ ପାଇ ପଏଣ୍ଟ ଟେବୁଲ୍‌ର ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ଅନ୍ୟ ପକ୍ଷରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ୪ଟିରୁ ୩ଟି ବିଜୟୀ ହୋଇ ତୃତୀୟ ସ୍ଥାନରେ ରହିଛି ।

ଗତକାଲିର ମ୍ୟାଚ୍‌ରେ ଗୁଜରାଟ ଟାଇଟାନ୍ସ ରାଜସ୍ଥାନ ରୟାଲ୍ସକୁ ୫୮ରନ୍‌ରେ ପରାସ୍ତ କରିଛି । ଏହି ବିଜୟ ସହିତ ଗୁଜରାଟ କ୍ରମାନ୍ୱୟ ଚତୁର୍ଥ ଥର ବିଜୟ ହାସଲ କରି ପଏଣ୍ଟ ତାଲିକାର ଶୀର୍ଷ ସ୍ଥାନରେ ରହିଥିବା ବେଳେ ରାଜସ୍ଥାନ ସପ୍ତମରେ ରହିଛି ।

## ବ୍ୟାଡ୍‌ମିଣ୍ଟନ୍

ବ୍ୟାଡ୍‌ମିଣ୍ଟନ୍ ଏସିଆ ଚାମ୍ପିୟନ୍‌ସିପ୍‌ର ମିକ୍ସଡ୍ ଡବଲ୍ସ ବର୍ଗରେ ଭାରତର ଧ୍ରୁବ କପିଳା ଏବଂ ତାନିଶା କ୍ରାଷ୍ଟୋଙ୍କ ଯୋଡ଼ି କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିଛନ୍ତି । ଚୀନ୍‌ର ନିଙ୍ଗ୍‌ବୋ ଠାରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଆଜି ଅନୁଷ୍ଠିତ ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ଏହି ଭାରତୀୟ ଯୋଡ଼ି ଚୀନ୍‌ର ହଙ୍ଗ୍ ୱି ୟେ ଏବଂ ନିକୋଲେ ଗୋଞ୍ଜାଲସ୍‌ଙ୍କ ଯୋଡ଼ିକୁ ୧୨-୨୧, ୨୧-୧୬ ଓ ୨୧-୧୮ ସେଟ୍‌ରେ ପରାସ୍ତ କରିଛନ୍ତି ।

ଅନ୍ୟ ପକ୍ଷରେ ଭାରତୀୟ ଯୋଡ଼ି ଅଶିତ୍ ସୂର୍ଯ୍ୟ ଓ ଅମୃଥା ପ୍ରମୁଥେଶ୍ ଆଜି ଅନୁଷ୍ଠିତ ପ୍ରି-କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ରେ ପରାସ୍ତ ହୋଇଛନ୍ତି ।

ସେହିଭଳି ପୁରୁଷ ଡବଲ୍ସ ବର୍ଗରେ ରୁବନ କୁମାର ରେଥିନା-ସାବାପାଥି ଓ ହରିହରନ୍ ଆମସା-କରୁନନ୍‌ଙ୍କ ଯୋଡ଼ି ଆଜି ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ୍‌ରେ ମାଲେସିଆ ଯୋଡ଼ିଠାରୁ ହାରିଯାଇଛନ୍ତି ।

ଏଥିସହିତ ମହିଳା ସିଙ୍ଗଲ୍ସ ବର୍ଗରେ ଦୁଇଥରର ଅଲିମ୍ପିକ୍ସ ପଦକ ବିଜେତା ଭାରତର ପି.ଭି. ସିନ୍ଧୁ ଏବଂ ପୁରୁଷ ସିଙ୍ଗଲ୍ସ ବର୍ଗରେ କିରନ୍ ଜର୍ଜ୍ ଓ ପ୍ରିୟାଂଶୁ ରାଜାଓ୍ୱତ୍ ଆଜି ଏହି ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛନ୍ତି ।